# ମଧୁର ଲାଗଇ

ମଧୁର ଲାଗଇ ପ୍ରୀତି ଭରା ଜହ୍ନ
ମଧୁର ଲାଗଇ ନୀଳ ଗଗନରେ ତାରା
ମଧୁର ଲାଗଇ କୃଷ୍ଣ କାଳିମା
ମଧୁର ଲାଗଇ ଦୃପ୍ତ ଦୀପାଳୀ ଧାରା ।
ପ୍ରେମିକାର ଓଠ ଲାଗଇ ମଧୁର
ମଧୁର ଲାଗଇ ତା ଓଠରୁ ଝରା ହସ
ମଧୁର ଲାଗଇ କୃଷ୍ଣ କବରୀ
ମଧୁର ଲାଗଇ ତା ଦେହର ମଧୁବାସ ।
ହଂସୁଲୀ ଚାଲି ଟି ଲାଗଇ ମଧୁର
ମଧୁର ଲାଗଇ କୋଇଲିର କୁହୁ ତାନ
ଗହନ ବିଜନେ ବୃକ୍ଷ ପାଟଳୀ
ମଧୁରତା ଆଣେ ବିଜନରେ କେକୀ ସ୍ୱନ
ମାତାକୁ ମଧୁର ବାଳ ଓଠ ହସ
ରାଜାକୁ ମଧୁର ବିଜନେ ମୃଗୟା ରାସ
ଚଷାକୁ ମଧୁର ସୁନାର ଫସଲ
ଅଧର ଉପାନ୍ତେ ଫୁଟାଏ ମଧୁର ହସ ।
କବିକୁ ମଧୁର କବିତାର ଛନ୍ଦ
ମଧୁର ଲାଗଇ ଦକ୍ଷିଣୁ ମଳୟ ମନ୍ଦ
ମଧୁର ସିନା ଗୋ କିଆ ଫୁଲ ବାସ
ଇଷ୍ଟ ମଥାନେ ସୃଜିଲେ ମଧୁର ଛନ୍ଦ ।
ତଟିନୀ ଉରସେ କମଳିନୀ ଶୋଭା
ମଧୁର ଲାଗଇ ଘଞ୍ଚ ନଳିନୀ ଦଳ
ମଧୁର ଉଟଜୁ ମୁଗ୍‌ଧା ନାୟିକା
ମଧୁର ଲାଗଇ ବାସ ଚହଟନ୍ତା ଫୁଲ

ସ୍ୱର୍ଣ୍ଣ ବରାଟକ ଲାଗଇ ମଧୁର
ଲଲାଟ ପଟଳେ ବରାଙ୍ଗନା ବର ଅଂଗେ
ଉରଜେ ଶୋଭଇ ସ୍ୱର୍ଣ୍ଣ ବର ମାଲ୍ୟ
ମଧୁର ଲାଗଇ ପ୍ରିୟା ସଜ୍ଜା ହେଲେ ରଂଗେ ।
ମଧୁରତା ଭରା ଏ ସୁନ୍ଦର ସୃଷ୍ଟି
ମଧୁରତମ ସେ ସ୍ରଷ୍ଟା ଯାର ସୃଷ୍ଟି
କାମିନୀ କାଞ୍ଚନ ସବୁଠି ମଧୁର
ମଧୁର ଯଦିଟି ଦର୍ଶକର ଦିବ୍ୟ ଦୃଷ୍ଟି ।
ମଧୁର କବିର କାବ୍ୟିକ ଚେତନା
ମଧୁର କବିର ଦୀର୍ଘ ଚୟନ ପଥ
ତନ୍ମୟତା ଯଦି କବିତାରେ ଜାଗେ
କବି ଗଣେ ତାର ସୃଜନୀ ହୋଇନି ବ୍ୟର୍ଥ ।

□□□